[୨୦୧୫] ୨ ଏସ ସି ଆର ୨୩୬

ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ ।

ବନାମ

ଡକ୍ଟର ସୁକାନ୍ତ କୁମାର ବେହେରା ଏବଂ ଅନ୍ୟମାନେ ।

(ଦେୱାନୀ ଆବେଦନ ସଂଖ୍ୟା ୨୦୭୮ / ୨୦୧୫)

ଫେବୃଆରୀ ୨୦, ୨୦୧୫

**[ରଞ୍ଜନ ଗୋଗୋଇ, ନ୍ୟାୟମୂର୍ତ୍ତି ଏବଂ ଅରୁଣ ମିଶ୍ର, ନ୍ୟାୟମୂର୍ତ୍ତି]**

ମୋଟର ଯାନ ଅଧିନିୟମ ୧୯୮୮ - ମୋଟର ଦୁର୍ଘଟଣା- ପରିଣାମ ସ୍ୱରୂପ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତା-ଯେଉଁଥି ପାଇଁ କ୍ଷତିପୂରଣ- କୁହାଗଲା: ଅକ୍ଷମତାର ପ୍ରକୃତି, ଚିକିତ୍ସାରେ, ପରିଚାରକଙ୍କ ତଥା ବିଶେଷ ଖାଦ୍ୟ ଉପରେ ହୋଇଥିବା ଖର୍ଚ୍ଚ, କାର୍ଯ୍ୟ କରିବା କ୍ଷମତା ହ୍ରାସ, ଚିକିତ୍ସା ଚାଲୁଥିବା ସମୟରେ ରୋଜଗାର ନ କରିପାରିବାର କ୍ଷତି, ଶାରୀରିକ ପୀଡା ଏବଂ ଯନ୍ତ୍ରଣାଭୋଗ, ଏବଂ ୧୬ ର ଗୁଣକ ବ୍ୟବହାର କରି, କ୍ଷତିପୂରଣ ରାଶି ୩୫ ଲକ୍ଷ ଟଙ୍କା ସ୍ଥିର କରାଯାଇଛି ।

**ଆଂଶିକ ଭାବରେ ଆବେଦନକୁ ଅନୁମତି ପ୍ରଦାନପୂର୍ବକ, ମାନ୍ୟବର ନ୍ୟାୟାଳୟ**

**କହିଲେ: ଏହି ତଥ୍ୟକୁ ବିଚାରକୁ ନିଆଗଲା ଯେ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତା ସୃଷ୍ଟି ହୋଇଛି ଏବଂ ସମଗ୍ର କ୍ଷତିକୁ ବିଚାରକୁ ନେଲେ, ଉକ୍ତ ମାତ୍ରାରେ କାର୍ଯ୍ୟ କରିବାର କ୍ଷମତା ହ୍ରାସ ପାଇଛି । ମାସିକ ଆୟ କ୍ଷମତା ଟ ୧୫,୦୦୦ ଙ୍କା କୁ ହ୍ରାସ ହୋଇଛି । ୧୬ ର ଗୁଣକ ୩୬ ବର୍ଷ ବୟସରେ ପ୍ରଯୋଜ୍ୟ ଅଟେ । ଡାହାଣ ଗୋଡ଼ର ଅସ୍ତ୍ରୋପଚାର ପାଇଁ ଏବଂ ଦୁଇଟି ପ୍ଲେଟ ଭର୍ତ୍ତି କରିବା ପାଇଁ ଖର୍ଚ୍ଚର ପରିମାଣ ଟ ୨୦,୦୦୦ ଙ୍କା ପର୍ଯ୍ୟନ୍ତ ରଖାଯାଇଛି । ଚିକିତ୍ସା ଚାଲୁଥିବା ସମୟରେ ଆୟ କ୍ଷତିଗ୍ରସ୍ତ ହୋଇଥିଲା ଯାହା ଦାବି ନ୍ୟାୟାଧିକରଣ ଦ୍ୱାରା ସ୍ଥିରୀକୃତ କରାଯାଇଛି ଏବଂ ଅନ୍ୟ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚର ପରିମାଣ ଟ ୬୬,୫୬୬ ଙ୍କା ଧାର୍ଯ୍ୟ ହୋଇଛି । ପୀଡା ଏବଂ ଯନ୍ତ୍ରଣାଭୋଗ ପାଇଁ କ୍ଷତିପୂରଣ, ପରିଚାରକ ଏବଂ ବିଶେଷ ଖାଦ୍ୟ ଉପରେ କରାଯାଇଥିବା ଖର୍ଚ୍ଚ ମଧ୍ୟ ପ୍ରଦାନ କରିବାକୁ ପଡିବ । ପୂର୍ବରୁ ଗୃହୀତ ମେଡିକାଲ ପ୍ରତିପୂରଣ କାଟିବା ପରେ ଦାବି ଆବେଦନ ଦାଖଲ**

**ତାରିଖ ଠାରୁ ବାର୍ଷିକ ୬ ପ୍ରତିଶତ ହାରରେ ସୁଧ ସହିତ କ୍ଷତିପୂରଣ ରାଶି ଟ ୩୫,୦୦,୦୦୦ ଙ୍କା ( ପଇଁତିରିଶ ଲକ୍ଷ ଟଙ୍କା ମାତ୍ର) ପ୍ରଦାନ କରାଯାଇଛି । [ଅନୁଚ୍ଛେଦ ୭]**

ଦେୱାନୀ ଅପିଲୀୟ ଅଧିକରିତା: ଦେୱାନୀ ଆବେଦନ ସଂଖ୍ୟା ୨୦୭୮/ ୨୦୧୫

ଏମ.ଏ.ସି.ଏ. ସଂଖ୍ୟା ୫୭୬ / ୨୦୦୮ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକର ତା ୦୯.୦୫.୨୦୧୪ ରିଖର ରାୟ ଏବଂ ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ  ଏମ୍. କେ. ଦୁଆ, କିଶୋର ରାୱତ ।

ଉତ୍ତରଦାତାମାନଙ୍କ ପକ୍ଷରୁ ରବିନ ଡେଭିଡ, ଚିତ୍ରନଶୁଲ ସିହ୍ନା, ଫେବିନ ମାଥ୍ୟୁ, ଦୁଆ ଆସୋସିଏଟ୍ସ ।

ନ୍ୟାୟାଳୟରେ ରାୟ ଦେଇଥିଲେ

ଅରୁଣ ମିଶ୍ର, ନ୍ୟାୟମୂର୍ତ୍ତି । ୧.  ଅନୁମତି ମଞ୍ଜୁର କରାଗଲା  ।

୨.  ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ଦ୍ୱାରା ଏମ୍. ଏ. ସି. ଏ. ୫୭୬ / ୨୦୦୮ ରେ ପାରିତ ହୋଇଥିବା ତା ୦୯.୦୫.୨୦୧୪ ରିଖର ଆଦେଶ ବିରୁଦ୍ଧରେ ବୀମାକାରୀଙ୍କ ଦ୍ୱାରା ଏହି ଆବେଦନକୁ ଚୟନ କରାଯାଇଛି ଯେଉଁଥିରେ ତା ୦୯.୦୯.୨୦୦୧ ରିଖର ଦୁର୍ଘଟଣାଜନିତ ହୋଇଥିବା କ୍ଷତି ଏବଂ ସ୍ଥାୟୀ ଅକ୍ଷମତାର ଶିକାର ହୋଇଥିବା ଯୋଗୁଁ ପ୍ରତିବାଦୀ ଡଃ ସୁକାନ୍ତ କୁମାର ବେହେରାଙ୍କୁ ଟ ୫୫,୦୦.୦୦୦ ଙ୍କା ରାଶି କ୍ଷତିପୂରଣ ପ୍ରଦାନପୂର୍ବକ ଅଧିନିର୍ଣ୍ଣୟ ଦିଆଯାଇଛି । ଦାବି ନ୍ୟାୟାଧିକରଣ ଟ ୪,୦୧,୪୧୪ ଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଥିଲେ ।

୩.   ଆବେଦନକାରୀ ଭିଲାଇ ଇସ୍ପାତ କାରଖାନାରେ ବରିଷ୍ଠ ଚିକିତ୍ସା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ସର୍ବଶେଷରେ ସେ ପାଇଥିବା ସ୍ଥାୟୀ ଅକ୍ଷମତା ହେତୁ, ୨୯.୦୮.୨୦୦୭ ରେ ତାଙ୍କର ସେବାକୁ ସମାପ୍ତ କରାଯାଇଥିଲା । ଦୁର୍ଘଟଣାଗ୍ରସ୍ତ ହେବା ଦ୍ୱାରା ବିଭିନ୍ନ କ୍ଷତ ପାଇଥିବା କାରଣରୁ ସେ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତାର ଶିକାର ହୋଇଥିଲେ । ବିଚାର କରିବାକୁ ଉଠିଥିବା ପ୍ରଶ୍ନ ହେଉଛି ଉଚ୍ଚ ନ୍ୟାୟାଳୟ କୌଣସି ଆଲୋଚନା ଏବଂ ଗଣନ ବିନା ଟ ୫୫,୦୦.୦୦୦ ଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାର ଅଧିନିର୍ଣ୍ଣୟଟି ନ୍ୟାୟସଙ୍ଗତ କି ନୁହେଁ । ଏଭଳି ଆଘାତଜନିତ ମାମଲାରେ ଉଚ୍ଚ ନ୍ୟାୟାଳୟର

ଆଭିମୁଖ୍ୟକୁ ନ୍ୟାୟସଙ୍ଗତ ବୋଲି କୁହାଯାଇପାରିବ ନାହିଁ । ଆର୍ଥିକ ଏବଂ ଅଣ-ଆର୍ଥିକ ବିଭାଗରେ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣର ଗଣନ କରିବା ନିହାତି ଆବଶ୍ୟକ ଅଟେ ।

୪. ଦାବିଦାରଙ୍କ ଡାହାଣ ବାହୁ, ଡାହାଣ ବେକ ହାଡ଼, ଡାହାଣପଟ ମିଡଶାଫ୍ଟ ବ୍ୟାସାର୍ଦ୍ଧ ଏବଂ ଡାହାଣ ହାତର ଡାହାଣ ଉଲନାର ମିଡଶାଫ୍ଟ ଭାଙ୍ଗିଥିବା ହେତୁ ଏବଂ ବାମ ଗୋଡ଼ରେ ଟିବିଆ ଗୁରୁତର ଭାବେ ଭାଙ୍ଗିଥିବା ଯୋଗୁଁ କଷ୍ଟଭୋଗ କରିଥିଲେ । ତାଙ୍କର ମେରୁଦଣ୍ଡ ହାଡ଼ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲା । ତାଙ୍କ ପେଟରେ ମଧ୍ୟ ଗୁରୁତର ଆଘାତ ଲାଗିଥିଲା, ଯେଉଁଥିପାଇଁ ତାଙ୍କର ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା । ଏହାଛଡା ତାଙ୍କୁ ଛାତିରେ ମଧ୍ୟ ଆଘାତଜନିତ କଷ୍ଟ ଭୋଗିବାକୁ  ପଡ଼ିଥିଲା ।

୫. ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଅନ୍ତର୍ବାସୀ ରୋଗୀ ଭାବେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ୦୯.୦୯.୨୦୦୧ ରୁ ୨୪.୦୯.୨୦୦୧ ପର୍ଯ୍ୟନ୍ତ, ତାଙ୍କୁ କଟକର ଏସ. ସି. ବି. ମେଡ଼ିକାଲ କଲେଜ ଏବଂ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା, ଯେଉଁଠାରେ ତାଙ୍କ ବାମ ଗୋଡ଼ରେ ଅସ୍ତ୍ରୋପଚାର କରାଯାଇଥିଲା, ପେଟରେ ଅସ୍ତ୍ରୋପଚାର କରାଯାଇଥିଲା, ଡାହାଣ ଗୋଡ଼ରେ ଟ୍ରାକ୍ସନ ଦିଆଯାଇଥିଲା ଏବଂ ଡାହାଣ ହାତରେ ଏକ ଫଳକ (ସ୍ଲାବ) ରଖାଯାଇଥିଲା । ଦ୍ୱିତୀୟରେ, ତାଙ୍କୁ କଟକର ଶାନ୍ତି ଡାକ୍ତରଖାନାରେ ୨୪.୦୯.୨୦୦୧ ରୁ ୩୦.୦୯.୨୦୦୧ ପର୍ଯ୍ୟନ୍ତ ଚିକିତ୍ସା କରାଯାଇଥିଲା, ଯେଉଁଠାରେ ତାଙ୍କର ଡାହାଣ ଗୋଡ଼ରେ ଦୁଇଟି ଷ୍ଟିଲ୍ ପ୍ଲେଟ୍ ଲଗାଇବା ପାଇଁ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ତୃତୀୟରେ, ପେଟରେ ଅସ୍ତ୍ରୋପଚାର କରି ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର କଳିଙ୍ଗ ଡାକ୍ତରଖାନାରେ ୦୧.୧୦.୨୦୦୧ ରୁ ୧୫.୧୦.୨୦୦୧ ରେ ଭର୍ତ୍ତି କରାଯାଇଥିଲା ଯେଉଁଥିରେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କ ପେଟରୁ ଏବଂ ବୃହଦନ୍ତ୍ରର ବହୁ ଅଂଶକୁ ଅପସାରଣ କରାଯାଇଥିଲା । ଏହାପରେ, ତାଙ୍କୁ ଭେଲୋରର ସି. ଏମ୍. ସି. ଡାକ୍ତରଖାନାରେ ୭ - ୧/୨  ମାସ ପାଇଁ ୧୬.୧୦.୨୦୦୧ ରୁ ୨୫.୦୫.୨୦୦୨ ପର୍ଯ୍ୟନ୍ତ ଅନ୍ତର୍ବାସୀ ରୋଗୀ ଭାବରେ ଭର୍ତ୍ତି କରାଯାଇଥିଲା ଏବଂ ପୁଣି ୨୦୦୪ ମସିହା ଫେବୃଆରୀ ମାସରେ ତାଙ୍କୁ ସେଠାରେ ୮ ଦିନ ପାଇଁ ଭର୍ତ୍ତି କରାଯାଇଥିଲା । ସି. ଏମ୍. ସି. ଚିକିତ୍ସାଳୟ, ଭେଲୋରଠାରେ, ବାମ ଗୋଡ଼ରେ ଅସ୍ଥି କଲମୀକରଣ ଏବଂ ସଂକ୍ରମଣ ହେତୁ ପ୍ରତିରୋପଣ ହୋଇଥିବା ଡାହାଣ ଜଙ୍ଘହାଡର ଅପସାରଣ ଏବଂ ସାଇନସ  ନିର୍ଗତ ହେବା ଭଳି ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର

କରାଯାଇଥିଲା । ଭେଲୋର ସି. ଏମ୍. ସି. ଚିକିତ୍ସାଳୟରେ ଚିକିତ୍ସା ଏବଂ ଚିକିତ୍ସାଜନିତ ଖର୍ଚ୍ଚ ବାବଦରେ ତାଙ୍କ ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥର ପରିମାଣ ଟ ୧୦, ୭୨, ୦୧୩/ - ଙ୍କା ପର୍ଯ୍ୟନ୍ତ ପ୍ରତିପୂରଣ କରାଯାଇଥିଲା ।

୬ . ଡଃ ଆର. କେ. ପାଣ୍ଡେଙ୍କ କହିବାନୁସାରେ, ଦାବିଦାର ଡଃ ସୁକାନ୍ତ କୁମାର ବେହେରା ଆହତ ହୋଇଥିବା କାରଣରୁ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତାର ଶିକାର ହୋଇଥିଲେ । ଭବିଷ୍ୟତରେ, ବାମ ପାଦଗଣ୍ଠିର ଚିକିତ୍ସା, ଅକାମୀ ପାଦ ପଞ୍ଝାର ଚିକିତ୍ସା ଏବଂ ଡାହାଣ ନିତମ୍ବ ପ୍ରତିସ୍ଥାପନ ଅସ୍ତ୍ରୋପଚାର ପାଇଁ ଚିକିତ୍ସାର ମଧ୍ୟ ଆବଶ୍ୟକ ପଡ଼ିପାରେ । ଏହା ମଧ୍ୟ ସୁସ୍ପଷ୍ଟ ଯେ ଅନ୍ତବୁଜୁଳାର ଏକ ବଡ଼ ଅଂଶ ଅପସାରଣ କରାଯାଇଥିବା ହେତୁ ଦାବିଦାରଙ୍କୁ ବିଶେଷ ଖାଦ୍ୟ ଗ୍ରହଣପୂର୍ବକ ରହିବାକୁ ପଡିବ ଏବଂ ପେଟରେ ଅସ୍ତ୍ରୋପଚାର ହେତୁ ତାଙ୍କର ହଜମ କ୍ଷମତା ସାରା ଜୀବନ ପାଇଁ ବହୁମାତ୍ରାରେ ହ୍ରାସ ପାଇଛି । ଏହା ମଧ୍ୟ ସୁସ୍ପଷ୍ଟ ଯେ ସେ ମଧ୍ୟ ଗୁରୁତର ଆଘାତଜନିତ କଷ୍ଟଭୋଗ କରିବା ଛଡ଼ା ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତା ସହିତ ଡାହାଣ ଅଙ୍ଗ ଏକ ଇଞ୍ଚ ଛୋଟ ହୋଇଯାଇଥିଲା ।

୭. ବୀମା କମ୍ପାନୀ ଦାବି କରିଛି ଯେ ଦୁର୍ଘଟଣା ସମୟରେ ଦାବିଦାର ପ୍ରତି ମାସରେ ଟ ୨୩,୦୦୦ ଙ୍କା ପାଉଥିଲେ । ଏହା ଜଣାପଡୁଛି ଯେ ସେ ଦରମା ସହିତ ଅଣ-ବୃତ୍ତିକ ଭତ୍ତା ମଧ୍ୟ ପାଉଥିଲେ । ତାଙ୍କ ଦରମା ମାସିକ ଟ ୨୫,୦୦୦ ଙ୍କା ଧରିବା ଉପଯୁକ୍ତ ହେବ । ଏହି ତଥ୍ୟ ଯେ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତା ସୃଷ୍ଟି ହୋଇଛି ଏବଂ ପହୁଁଚିଥିବା ସମସ୍ତ ଆଘାତକୁ ବିଚାରକୁ ନେଲେ, ଉକ୍ତ ମାତ୍ରାରେ କାର୍ଯ୍ୟ କ୍ଷମତା ହ୍ରାସ ପାଇଛି । ମାସିକ ଆୟ କ୍ଷମତା ଟ ୧୫,୦୦୦ ଙ୍କା କୁ ହ୍ରାସ ପାଇଛି । ୧୬ ର ଗୁଣକ ୩୬ ବର୍ଷ ବୟସରେ ପ୍ରୟୋଗ ହୋଇଥାଏ । ଡାହାଣ ଗୋଡ଼ର ଅସ୍ତ୍ରୋପଚାର କରାଯିବା ସମୟରେ ଏବଂ ଦୁଇଟି ପ୍ଲେଟ ଭର୍ତ୍ତି କରାଯିବା ସମୟରେ ଦାବିଦାରଙ୍କୁ ଶାନ୍ତି ଚିକିତ୍ସାଳୟରେ ରଖି ଚିକିତ୍ସା କରାଯିବା ସମୟରେ ୮ ଦିନ ମଧ୍ୟରେ ହୋଇଥିବା ଖର୍ଚ୍ଚର ପରିମାଣ ଆମେ ଟ ୨୦,୦୦୦ ଙ୍କା ଧରୁଛୁ । ଚିକିତ୍ସାଧୀନ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ଆୟର ପରିମାଣ ଦାବି ନ୍ୟାୟାଧିକରଣ ଦ୍ୱାରା ନିର୍ଦ୍ଧାରିତ ହୋଇଛି ଏବଂ କଟକର ଏସ ସି ବି ମେଡିକାଲ କଲେଜ ଏବଂ ଚିକିତ୍ସାଳୟର ଚିକିତ୍ସା ଖର୍ଚ୍ଚର ପରିମାଣ ଟ ୬୬,୫୬୬ ଙ୍କା ଆସୁଛି । ପୀଡା ଏବଂ ଯନ୍ତ୍ରଣାଭୋଗ ପାଇଁ, ପରିଚାରକ ତଥା ବିଶେଷ ଖାଦ୍ୟ ଉପରେ ଖର୍ଚ୍ଚ ବାବଦରେ ମଧ୍ୟ କ୍ଷତିପୂରଣର ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ ପଡିବ । ପୂର୍ବରୁ ଗୃହୀତ ଡାକ୍ତରୀ ପ୍ରତିପୂରଣ କାଟିବା ପରେ କ୍ଷତିପୂରଣର ଅଧିନିର୍ଣ୍ଣୟ ପ୍ରଦାନ ନିମ୍ନ ପ୍ରକାରେ କରାଯାଉଛି:

| **ବର୍ଣ୍ଣନା** | **ରାଶି(ଟଙ୍କା)** |
|---|---|
| ସ୍ଥାୟୀ ଅକ୍ଷମତା କାରଣରୁ ଆୟ | |
| କ୍ଷମତା ହ୍ରାସ ପାଇଁ (୧୫,୦୦୦x୧୨x୧୬) | ୨୮,୮୦,୦୦୦/- |
| ୨୦୦୧- ୨୦୦୨ ବର୍ଷର ଚିକିତ୍ସା ସମୟରେ ବେତନ ହାନି | ୨,୧୪,୮୪୮/- |
| ଏସ ସି ବି ମେଡ଼ିକାଲ କଲେଜ ଓ ହସ୍ପିଟାଲ, କଟକର ଖର୍ଚ୍ଚ | ୬୬,୫୬୬/- |
| ଶାନ୍ତି ହସ୍ପିଟାଲର ଖର୍ଚ୍ଚ | ୨୦,୦୦୦/- |
| ଶାରୀରିକ ପୀଡ଼ା ଓ ଯନ୍ତ୍ରଣାଭୋଗ | ୨, ୦୦,୦୦୦ /- |
| ଚିକିତ୍ସା ସମୟରେ ୯ ମାସ ପାଇଁ ପରିଚାରକଙ୍କ ଉପରେ ହୋଇଥିବା ଖର୍ଚ୍ଚ | ୯୦,୦୦୦/- |
| ବିଶେଷ ଖାଦ୍ୟ | ୨୮,୫୦୦/ |
| | ..................... |
| ସର୍ବ ମୋଟ: | ୩୪,୯୯,୯୧୪/- |
| | ପୂର୍ଣ୍ଣାଙ୍କରେ |
| | ୩୫,୦୦,୦୦୦/- |
| | ....................... |

ସେହି ଅନୁଯାୟୀ, ଆବେଦନକୁ ଆଂଶିକ ଭାବରେ ଅନୁମତି ଦିଆଯାଇଛି । ଦାବି ଆବେଦନ ଦାଖଲ ହେବା ତାରିଖ ଠାରୁ ବାର୍ଷିକ ୬ ପ୍ରତିଶତ ହାରରେ ସୁଧ ସହିତ ଦାବିଦାରଙ୍କୁ ୩୫,୦୦,୦୦୦/- (ପଇଁତିରିଶ ଲକ୍ଷ ଟଙ୍କା ମାତ୍ର) ର କ୍ଷତିପୂରଣ ରାଶିର ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଛି । ଉକ୍ତ ଅର୍ଥରାଶି ଆଜିଠାରୁ ଦୁଇ ମାସ ମଧ୍ୟରେ ପ୍ରଦାନ କରାଯିବ । କୌଣସି ବାବଦ ଖର୍ଚ୍ଚ ନାହିଁ ।

# ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**